**PUBLICATION NAME : Amrut Duniya**

**EDITION : Bhubaneswar**

**DATE : 23-11-2021**

**PAGE : 11**

# ଇଡିଆଇଆଇକୁ ସମ୍ମାନଜନକ ଉତ୍କର୍ଷ କେନ୍ଦ୍ର' ମାନ୍ୟତା

ଭୁବନେଶ୍ୱର(ବ୍ୟୁରୋ) ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ଏଟଂରପ୍ରେନ୍ୟୁଅରସିପ୍ ଡେଭେଲପମେଂଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ କୁ ଦେଶର କୌଶଳ ବ୍ୟବସ୍ଥା କ୍ଷେତ୍ରରେ ଭାରତ ସରକାରଙ୍କ ପକ୍ଷରୁ ଉତ୍କର୍ଷ କେନ୍ଦ୍ର (ସିଓଇ) ମାନ୍ୟତା ପ୍ରଦାନ କରାଯାଇଛି। ଏ ନେଇ କେନ୍ଦ୍ର କୌଶଳ ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ପକ୍ଷରୁ ଗେଜେଟ୍ ବିଜ୍ଞପ୍ତି ଜାରି କରାଯାଇଛି। ଏହି ମାନ୍ୟତା ପାଂଚ ବର୍ଷ ପାଇଁ ବଜାୟ ରହିବ। ବହୁ ସମୟ ପର୍ଯ୍ୟନ୍ତ ମନ୍ତ୍ରଣାଳୟ ପକ୍ଷରୁ ଅନୁଷ୍ଠାନର ବିଭିନ୍ନ ମାନଦଣ୍ଡକୁ ଯାଂଚ କରିବା ପରେ ଏହି ନିଷ୍ପତି ଗ୍ରହଣ କରାଯାଇଛି। ମନ୍ତ୍ରଣାଳୟର ଗାଇଡ୍‌ଲାଇନ୍ ଅନୁସାରେ ଏକ ଉତ୍କର୍ଷ କେନ୍ଦ୍ର ହେଉଛି ତାହା ଯାହା ଶ୍ରେଷ୍ଠ ବ୍ୟବସ୍ଥା, ନେତୃତ୍ୱ, ଗବେଷଣା ଓ ବିକାଶ ସହାୟତା, ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ଏବଂ ନିର୍ଦ୍ଦିଷ୍ଟ କ୍ଷେତ୍ର ଉପରେ ଉଦୀୟମାନ ପ୍ରଯୁକ୍ତିକୁ ନେଇ କୌଶଳ ତାଲିମ ପ୍ରଦାନ କରିଥାଏ। ଇଡିଆଇଆଇ ପକ୍ଷରୁ ଶିଳ୍ପ, ଶିକ୍ଷାନୁଷ୍ଠାନ ଏବଂ ସରକାରଙ୍କ ସହ ଯୋଗାଯୋଗ ରକ୍ଷା କରି କୌଶଳ ଓ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଏହା ଦ୍ୱାରା ନୂତନ ସଂସ୍ଥା ସୃଷ୍ଟି ହେଉଥିବା ବେଳେ ପ୍ରଶିକ୍ଷାର୍ଥୀମାନେ ନିଯୁକ୍ତି ପାଇଁ ସକ୍ଷମ ହୋଇପାରୁଛନ୍ତି। ଏ ସମ୍ପର୍କରେ ଇଡିଆଇଆଇର ଡାଇରେକ୍ଟର୍ ଜେନେରାଲ୍ ଡକ୍ଟର ସୁନିଲ୍ ଶୁକ୍ଲା କହିଛନ୍ତି ଯେ, ନ୍ତଭାରତ ସରକାରଙ୍କ କୌଶଳ ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ପକ୍ଷରୁ ଇଡିଆଇଆଇକୁ ଉତ୍କର୍ଷ କେନ୍ଦ୍ର ମାନ୍ୟତା ପ୍ରଦାନ କରାଯିବା ଅତ୍ୟନ୍ତ ଗୌରବର ବିଷୟ। ଇଡିଆଇଆଇ ପକ୍ଷରୁ ଉଦ୍ୟମିତା ବିକାଶର ପରିକଳ୍ପନା ଆରମ୍ଭ କରାଯାଇଥିଲା ଏବଂ ଯେକୌଣସି ଅନ୍ୟ ଶୃଙ୍ଖଳା ଭଳି ନିଜର ବ୍ୟବସାୟ କିଭଳି ଆରମ୍ଭ କରାଯାଇପାରିବ ତାହାକୁ ନେଇ ଉଦ୍ୟମିତା ଗଠନ ଉପରେ ଶିକ୍ଷା ପ୍ରଦାନ ଆରମ୍ଭ କରାଯାଇଥିଲା।